ଆରସ୍ତ
...akshatra Jyoti
ଗୁରୁବାର ୨୪, ଫେବୃଆରୀ ୨୦୧୧

# ଶିଶୁଙ୍କ ସୁରକ୍ଷା ପାଇଁ ପ୍ରତିଷ୍ଠା ହେଲା ତିନୋଟି ଆଶ୍ରୟସ୍ଥଳ

ଭୁବନେଶ୍ୱର/ଲୋକସାମ୍ବାଦିକ: ପ୍ରାକୃତିକ ବିପର୍ଯ୍ୟୟ ବିଶେଷ କରି ବାତ୍ୟା, ବନ୍ୟା ଭଳି ଦୁର୍ବିପାକ ସମୟରେ ଶିଶୁମାନଙ୍କ ସୁରକ୍ଷା ଲାଗି ରାଜ୍ୟରେ ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ଆଶ୍ରୟସ୍ଥଳ ନିର୍ମାଣ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଦୁଇଟି ଉପକୂଳ ଜିଲ୍ଲାର ତିନୋଟି ସ୍ଥାନରେ କାର୍ଯ୍ୟକାରୀ ହେବ।

ସ୍ୱେଚ୍ଛାସେବୀ ସଂଗଠନ ପିକକ୍, ସେଭ୍ ଦି ଚିଲ୍ଡ୍ରେନ, ସି.ଏସ୍.ଓ. ପଟନେର, ଆଇ.ସି.ଆଇ.ସି.ଆଇ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଜରୁରୀ ପରିସ୍ଥିତିରେ ଶିଶୁଙ୍କ ସୁରକ୍ଷା ସମ୍ପର୍କିତ ଦିନିକିଆ ରାଜ୍ୟ ସ୍ତରୀୟ କର୍ମଶାଳାରେ ଏହି ସୂଚନା ଦିଆଯାଇଛି। ପିକକ୍‌ର ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟମଣି ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅନୁରାଧା ମହାନ୍ତି, ପିକକ୍ କାର୍ଯ୍ୟକ୍ରମ ନିର୍ଦ୍ଦେଶିକା, ରଞ୍ଜନ ମହାନ୍ତି, ସଂପାଦକ ପିକକ୍, ୟୁନିସେଫର ଲକ୍ଷ୍ମୀନାରାୟଣ ନନ୍ଦ, ସେଭ ଦି ଚିଲଡ୍ରେନର




ଶଶାଙ୍କ ପାଢ଼ି ଓ ଶାନ୍ତାରାମ ନନ୍ଦ, ବିଭିନ୍ନ ରାଜ୍ୟ ପ୍ରତିନିଧି ସନ୍ଦୀପ ସାହୁ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସ୍ୱାଗତ ଭାଷଣ ଦେଇ ପିକକ୍‌ର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି କହିଲେ ଯେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଶିଶୁମାନେ ଅଧିକ ଅସୁରକ୍ଷିତ ହୋଇପଡନ୍ତି। ତେଣୁ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଏହିଭଳି ସ୍ୱତନ୍ତ୍ର ଆଶ୍ରୟସ୍ଥଳର ଆବଶ୍ୟକତା ରହିଛି।

ଯେ କୌଣସି ବିପର୍ଯ୍ୟୟ ବା ଆପଦକାଳୀନ ପରିସ୍ଥିତିରେ ପିଲାମାନଙ୍କୁ ଯତ୍ନ ଓ ସୁରକ୍ଷା ଯୋଗାଇଦେବା ପାଇଁ ପରିବାରସ୍ତରରେ ଉଦ୍ୟମ ସହ ଆବଶ୍ୟକୀୟ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ଗୁରୁତ୍ୱ ରହିଛି। ପିଲାମାନଙ୍କ ଅଭିଭାବକ ଓ ଜନସାଧାରଣଙ୍କ ମନୋଭାବର ମଧ୍ୟ ପରିବର୍ତ୍ତନ ଆବଶ୍ୟକ ବୋଲି ପିକକର ସଂପାଦକ ରଂଜନ ମହାନ୍ତି କହିଥିଲେ।

ଏଥିପାଇଁ ଗଣମାଧ୍ୟମ, ସରକାରୀ କଳ ଓ ସାମାଜିକ କର୍ମକର୍ତ୍ତାମାନେ ଏକାଠି ହୋଇ କାର୍ଯ୍ୟ କରିବା ଆବଶ୍ୟକ। ସେଭ୍ ଦି ଚିଲ୍ଡ୍ରେନର ପାଢ଼ି କହିଥିଲେ ଯେ, ଶିଶୁଙ୍କ ସୁରକ୍ଷା ଲାଗି ସମଗ୍ର ଦେଶର ୩ଟି ରାଜ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ହେଲେ, ଆମ ରାଜ୍ୟରେ ୨ଟି ଜିଲ୍ଲାରେ ଏହା ହାତକୁ ନିଆଯାଇଛି। ୟୁନିସେଫର ନନ୍ଦ କହିଲେ ଯେ, ଜରୁରୀ ପରିସ୍ଥିତିରେ ଶିଶୁମାନେ ସାଧାରଣତଃ ଶ୍ରମିକ ପାଲଟିବା ସଙ୍ଗେ ସଙ୍ଗେ ଯୌନ ଶୋଷଣ ଓ ହିଂସାର ଶିକାର ହୋଇଥାନ୍ତି। ଏହି ସମୟରେ ଦଲାଲମାନେ ଝିଅମାନଙ୍କୁ ଚାଲାଣ ମଧ୍ୟ କରିଥାନ୍ତି। ତେଣୁ ବିପର୍ଯ୍ୟୟ ସମୟରେ ସେମାନଙ୍କ ସୁରକ୍ଷା ଅତ୍ୟନ୍ତ ଜରୁରୀ। ବିଭିନ୍ନ ରାଜ୍ୟ ପ୍ରତିନିଧି ସାହୁ ବିପର୍ଯ୍ୟୟ ସମୟରେ ଶିଶୁମାନଙ୍କ ଦୟନୀୟସ୍ଥିତି ଓ ସେମାନଙ୍କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ପରିଶେଷରେ ଆଦିତ୍ୟମଣି ବରାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ନକ୍ଷତ୍ରଜ୍ୟୋତି
The Nakshatra Jyoti

ଗୁରୁବାର ୨୪ ଫେବୃଆରୀ, ୨୦୧୧

# ଶିଶୁ ସୁରକ୍ଷା ପାଇଁ ପ୍ରତିଷ୍ଠା ହେଲା ଆଶ୍ରୟସ୍ଥଳୀ

ଭୁବନେଶ୍ୱର,୨୩।୨(ନ.ବ୍ୟୁ): ପ୍ରାକୃତିକ ବିପର୍ଯ୍ୟୟ ବିଶେଷ କରି ବାତ୍ୟା, ବନ୍ୟା ଭଳି ଦୁର୍ବିପାକ ସମୟରେ ଶିଶୁମାନଙ୍କ ସୁରକ୍ଷା ଲାଗି ରାଜ୍ୟରେ ପ୍ରଥମ ଥର, ପାଇଁ ସ୍ୱତନ୍ତ୍ର ଆଶ୍ରୟସ୍ଥଳ ନିର୍ମାଣ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଦୁଇଟି ଉପକୂଳ ଜିଲ୍ଲାର ତିନୋଟି ସ୍ଥାନରେ ଏହା କାର୍ଯ୍ୟକାରୀ ହେବ ।

ସ୍ୱେଚ୍ଛାସେବୀ ସଙ୍ଗଠନ ପିକକ୍, ସେଭ୍ ଦି ଚିଲ୍ଡ୍ରେନ, ସିଏସ୍ଓ ପାଟନର, ଆଇସିଆଇସିଆଇ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଜରୁରୀ ପରିସ୍ଥିତିରେ ଶିଶୁଙ୍କ ସୁରକ୍ଷା ସମ୍ପର୍କିତ ଦିନିକିଆ ରାଜ୍ୟସ୍ତରୀୟ କର୍ମଶାଳାରେ ଏହି ସୂଚନା ଦିଆଯାଇଛି । ପିକକ୍‌ର ଅଧ୍ୟକ୍ଷ ପ୍ରଫେସର ଆଦରମଣି ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅନୁରାଧା ମହାନ୍ତି, ପିକକ୍ କାର୍ଯ୍ୟକ୍ରମ ନିର୍ଦ୍ଦେଶିକା, ରଞ୍ଜନ ମହାନ୍ତି, ସମ୍ପାଦକ ପିକକ୍, ୟୁନିସେଫର ଲକ୍ଷ୍ମୀନାରାୟଣ ନନ୍ଦ, ସେଭ୍ ଦି ଚିଲଡ୍ରେନର ଶଶାଙ୍କ ପାଢୀ ଓ ଶାନ୍ତାରାମ ନନ୍ଦ, ବିବିସିର ରାଜ୍ୟ ପ୍ରତିନିଧି ସନ୍ଦୀପ ସାହୁ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ସ୍ୱାଗତ ଭାଷଣ ଦେଇ ପିକକ୍‌ର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି କହିଲେ ଯେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଶିଶୁମାନେ ଅଧିକ ଅସୁରକ୍ଷିତ ହୋଇପଡନ୍ତି । ତେଣୁ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଏହିଭଳି ସ୍ୱତନ୍ତ୍ର ଆଶ୍ରୟସ୍ଥଳର ଆବଶ୍ୟକତା ରହିଛି ।

ପିକକ୍‌ର ସମ୍ପାଦକ ରଞ୍ଜନ ମହାନ୍ତି କହିଲେ ଯେ, ଯେକୌଣସି ବିପର୍ଯ୍ୟୟ ବା ଆପଦକାଳୀନ ପରିସ୍ଥିତିରେ ପିଲାମାନଙ୍କୁ ଯତ୍ନ ଓ ସୁରକ୍ଷା ଯୋଗାଇଦେବା ପାଇଁ ପରିବାରର ସ୍ତରରେ ଉଦ୍ୟମସହ ଆବଶ୍ୟକୀୟ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ଗୁରୁତ୍ୱ ରହିଛି । ପିଲାମାନଙ୍କ ଅଭିଭାବକ ଓ ଜନସାଧାରଣଙ୍କ ମନୋଭାବର ମଧ୍ୟ ପରିବର୍ତ୍ତନ ଆବଶ୍ୟକ ।

ଏଥିପାଇଁ ଗଣମାଧ୍ୟମ, ସରକାରୀ କଳ ଓ ସାମାଜିକ କର୍ମକର୍ତ୍ତାମାନେ ଏକାଠି ହୋଇ କାର୍ଯ୍ୟ କରିବା ଆବଶ୍ୟକ । ସେଭ୍ ଦି ଚିଲ୍ଡ୍ରେନର ଶ୍ରୀ ପାଢୀ କହିଥିଲେ ଯେ, ଶିଶୁଙ୍କ ସୁରକ୍ଷା ଲାଗି ସମଗ୍ର ଦେଶର ୩ଟି ରାଜ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ହେଲେ ଆମ ରାଜ୍ୟରେ ୨ଟି ଜିଲ୍ଲାରେ ଏହା ହାତକୁ ନିଆଯାଇଛି । ୟୁନିସେଫର ଶ୍ରୀ ନନ୍ଦ କହିଲେ ଯେ, ଜରୁରୀ ପରିସ୍ଥିତିରେ ଶିଶୁମାନେ ସାଧାରଣତଃ ଶ୍ରମିକ ପାଲଟିବା ସଙ୍ଗେ ସଙ୍ଗେ ଯୌନ ଶୋଷଣ ଓ ହିଂସାର ଶୀକାର ହୋଇଥାନ୍ତି । ଏହି ସମୟରେ ଦଲାଲମାନେ ଝିଅମାନଙ୍କୁ ଚାଲାଣ ମଧ୍ୟ କରିଥାନ୍ତି । ତେଣୁ ବିପର୍ଯ୍ୟୟ ସମୟରେ ସେମାନଙ୍କ ସୁରକ୍ଷା ଅତ୍ୟନ୍ତ ଜରୁରୀ । ବିବିସିର ରାଜ୍ୟ ପ୍ରତିନିଧି ଶ୍ରୀ ସାହୁ ବିପର୍ଯ୍ୟୟ ସମୟରେ ଶିଶୁମାନଙ୍କ ଦୟନୀୟ ସ୍ଥିତି ଓ ସେମାନଙ୍କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ପରିଶେଷରେ ଆଦରମଣି ବରାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।